# Chapter- 2

# ପଦ୍ମ

## QUESTION BANK

## ୧. ନିର୍ଦ୍ଦିଷ୍ଟ ଉତ୍ତରମୂଳକ:

(୧) 'ଦରଶନେ'ରେ ଗଦ୍ୟରୂପ 'ଦର୍ଶନରେ' । ଏହିପରି ପଦ୍ୟରୂପ ଲେଖାଯାଇଥିବା ଶବ୍ଦଗୁଡ଼ିକର ଗଦ୍ୟରୂପ ପଠିତ କବିତାରୁ ବାଛିଲେଖ ।

(୨) 'ପଦ୍ମ', 'ଭଗବାନ' ଓ 'ସୂର୍ଯ୍ୟ'ର ପ୍ରତିଶବ୍ଦଗୁଡ଼ିକ କବିତାରୁ ବାଛି ଲେଖ ।

(୩) 'ଜୀବନ-ମରଣ' ଭଳି ବିପରୀତଅର୍ଥ ସୂଚକ ଯୋଡ଼ିଶବ୍ଦର ପାଂଚଗୋଟି ଉଦାହରଣ ଦିଅ ।

(୪) ସନ୍ଧି ବିଚ୍ଛେଦ କର ।

ପରମେଶ୍ୱର

ପଦାରବିନ୍ଦ

ମହେଶ୍ୱର

ମନୋରଥ

କମଳାସନ

(୫) କବିତାଟିରେ କେଉଁ ଶବ୍ଦ ଏକାଧିକ ଥର ବ୍ୟବହାର କରାଯାଇଛି ଲେଖ ।

(୬) ଅର୍ଥଗତ ପାର୍ଥକ୍ୟ ଦର୍ଶାଇ ନିମ୍ନୋକ୍ତ ସମୋଚ୍ଚାରିତ ଶବ୍ଦଗୁଡ଼ିକୁ ସାର୍ଥକ ବାକ୍ୟରେ ବ୍ୟବହାର କର ।

ବାସ – ବାସ, ବର – ବର, କର – କର, ଉପମା – ଉପମା, ଯୋଗ-ଯୋଗ

**(୭)** ବିପରୀତାର୍ଥବୋଧକ ଶବ୍ଦ ଲେଖ ।

ଅମୃତ

ଆନନ୍ଦ

ଶୀତଳ

ପବିତ୍ର

ପୁଣ୍ୟ

**୨. ସଂକ୍ଷିପ୍ତ ଉତ୍ତର ମୂଳକ ।**

(କ) ପଦ୍ମ ଦର୍ଶନରେ କବିଙ୍କ ମନରେ କି ଭାବ ଜାତ ହୁଏ ?

(ଖ) ମଧୁପଦଳ କ'ଣ ପାଇଁ ପାଗଳ ହୁଅନ୍ତି ?

(ଗ) ପଦ୍ମ ସହିତ ଶରୀରର କେଉଁ ଅଙ୍ଗ ଗୁଡିକ ତୁଳନା କରାଯାଏ ?

(ଘ) କବି ନିଜକୁ ପଦ୍ମ ସହିତ ତୁଳନା କରିବାରେ ଦୁଃଖିତ କାହିଁକି ?

**୩. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛିଲେଖ ।**

(କ) 'ପଦ୍ମ' କବିତାଟି କେଉଁ ପୁସ୍ତକରୁ ସଂଗୃହୀତ ?

(i)କବିତାବଳୀ (ii)ଛାନ୍ଦମାଳା (iii)ବସନ୍ତ ଗାଥା (iv)କୁସୁମାଞ୍ଜଳି

(ଖ) ଢଳଢଳ ସୁନୀଳ ସରସୀ ଜଳରେ କାହାର ରଶ୍ମି ଉଜ୍ଜ୍ୱଳ ହୋଇ ଉଠିଛି ?

(i)ଚନ୍ଦ୍ର (ii)ନକ୍ଷତ୍ର (iii)ଭାସ୍କର (iv)ଗ୍ରହ

(ଗ) କବି ପଦ୍ମକୁ କାହାର ଉପମାସ୍ଥଳ ବୋଲି କହିଛନ୍ତି ?

(i)ଭକ୍ତର (ii)ପ୍ରେମିକର (iii)ସୌନ୍ଦର୍ଯ୍ୟର (iv)ସର୍ବଶୋଭାର

(ଘ) ସୂର୍ଯ୍ୟ ପଦ୍ମ ମୁଖରେ କ'ଣ ଢାଳନ୍ତି ?

(i)ଅମୃତ (ii)ପୀୟୂଷ (iii)ଜ୍ୟୋତିଧାରା (iv)ସ୍ନେହ ଶ୍ରଦ୍ଧା

(ଙ) 'ପଦ୍ମ' ହସ ହସ ମୁଖରେ କାହାକୁ ଅନାଇଥାଏ ?

(i)ନିଶାକର (ii)ହିମାକର (iii)ଦିବାକର (iv)କ୍ଷମାକର

ODM EDUCATIONAL GROUP Changing your Tomorrow

୪. **ସପ୍ରସଙ୍ଗ ସରଳାର୍ଥ ଲେଖ ।**

(କ) କଳୁଷ ପଙ୍କେ ମୁହିଁ କେଡେ ମଳିନ

କେମନ୍ତେ ସରି ତୋର ହେବି ନଳିନ ।

(ଖ) ସର୍ବ ଶୋଭାର ତୁହି ଉପମା ସ୍ଥଳ

ଭକତ ପ୍ରେମିକର ତୁହି ସମ୍ବଳ ।

୫. ଶୂନ୍ୟସ୍ଥାନ ପୂରଣ କର ।

1. ପଦ୍ମ ଆନନ୍ଦରେ ______ ପାନ କରେ ବୋଲି କବି ବର୍ଣ୍ଣନା କରିଛନ୍ତି ।
2. କମଳ ଆନନ୍ଦ ମନରେ ଜ୍ୟୋତିଧାରା ପାନ କରି ______ ଲାଭ କରିଛି ବୋଲି କବି କହିଛନ୍ତି ।
3. ______ ଉତ୍ପଳର ପ୍ରଭୁ ଅଟନ୍ତି ।
4. ପଦ୍ମ ହୃଦୟରେ ମକରନ୍ଦ ରୂପକ ଅମୃତ ଥିବାରୁ ______ ସ୍ଫୁରଣ ହୁଏ ।
5. ପଦ୍ମ ହୃଦୟରେ ଥିବା ମକରନ୍ଦ ରୂପକ ଅମୃତର ସୌରଭରେ ପ୍ରାଣ ______ ହୋଇଉଠେ ।
6. ______ କୁ ଥରେ ଦେଖିଲେ ମାନସପଟରୁ କଦାପି ବିସ୍ମୃତ ହେବ ନାହିଁ ବୋଲି କବି କହିଛନ୍ତି ।
7. 'ତାମରସ'ର ଅନ୍ୟନାମ ______ ।
8. ସ୍ନେହ, କରୁଣା, ଭକ୍ତିକୁ କବି ______ ରସ ବୋଲି କହିଛନ୍ତି ।
9. ବିଶ୍ୱରେ ଯାହା ମଧୁମୟ ପବିତ୍ର, ତାହା ବିଧାତାଙ୍କ ଆଶୀର୍ବାଦରେ ______ର ନାମ ସହିତ ମିଶି ରହିଛି ।
10. ପରମେଶ୍ୱରଙ୍କ ନାମ ସହିତ ______ର ନାମ ଯୁକ୍ତ ହୋଇ ରହିଛି ।
11. କବି ______ ପଙ୍କରେ ମଳିନ ହୋଇପଡ଼ିଛନ୍ତି ବୋଲି କହିଛନ୍ତି ।
12. କବି ପଦ୍ମକୁ ଭରସା କରିଛନ୍ତି, କାରଣ ପଦ୍ମ ______ ଅଟେ ।
13. କବି ______ଙ୍କୁ "ମୋ ପ୍ରାଣ ସାଇଁ" ବୋଲି କହିଛନ୍ତି ।
14. କବି ______ ଠାରୁ ଆଶିଷ କାମନା କରିଛନ୍ତି ।
15. ତୋ ପରି ଶୁଭ୍ର ହେବି- କବି ଏପରି ______ କୁ କହିଛନ୍ତି ।
16. କମଳବାନ୍ଧବ ବୋଲି ______ ଙ୍କୁ କୁହାଯାଏ ।
17. ସୂର୍ଯ୍ୟ ପ୍ରିୟା ______ ।
18. ଓଡ଼ିଶାର ଜନମାନସରେ ମଧୁସୂଦନ ରାଓ ______ କବି ଭାବେ ପରିଚିତ ।
19. ପଦ୍ମର ତନୁକୁ ______ ଗଢ଼ିଛି ବୋଲି କବି କହିଛନ୍ତି ।
20. ସୁନୀଳ ସରସୀ ଜଳରେ ______ ଢଳ ଢଳ ହେଉଛି ବୋଲି କବି କହିଛନ୍ତି ।

****